# Akashvani, Sambalpur

## SAMBALPURI NEWS BULLETIN

### 14 March 2025- 6.47- 6.52 am.

*******************************************

ଜଙ୍ଗଲ୍, ପରିବେଶ୍ ବିଭାଗ୍ ଖର୍ଚ୍ଚା ଦାବି/ଭୁବନେଶ୍ୱର୍ ସମ୍ବାଦଦାତା

ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିଭାଗ୍‌ର ୨ ହଜାର୍ ୫ ଶହ ୧୨ କୋଟି ୯ ଲାଖ୍ ୭୬ ହଜାର୍‌ର ଖର୍ଚ୍ଚା ଦାବି ଗଲାକାଏଲ୍ ବିଧାନ୍‌ସଭା ନ ମଞ୍ଜୁର୍ ହେଇଛେ । ଖର୍ଚ୍ଚା ଦାବି ଆଲୋଚନା ବେଲ୍‌କେ ବିଭାଗୀୟ ମନ୍ତ୍ରୀ ଗଣେଶ୍ ରାମ୍‌ସିଂ ଖୁଂଟିଆ କହିଛନ୍, ରାଜ୍ୟର୍ ଜଙ୍ଗଲ୍ ମାନ୍‌କର୍ ସୁରକ୍ଷା ଏଥର୍ ବୈଜ୍ଞାନିକ୍ ଜ୍ଞାନ୍‌କୌଶଲ୍ ଜରିଏ କରାଯିବା । ଡେବ୍ରିଗଡ୍, ଶିମିଲିପାଲ୍, ଅନୁଗୁଲ୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜଙ୍ଗଲ୍ ଉପ୍‌ରେ ନଜର୍ ରଖିବାର୍‌କେ କୃତ୍ରିମ ବୁଦ୍ଧିମତା - ଏଆଇ ଲାଗିଥିବା ୱାଚ୍ ଟାୱାର୍ ବ୍ୟବସ୍ଥା କରାଯିବା । ଜଙ୍ଗଲ୍ ଇଲାକା ବଢ଼ାବାର୍ ଦିଗେ ଓଡ଼ିଶା ଦେଶେ ୨ ନମ୍ବର୍ ରାଜ୍ୟ ହେଇଛେ । ଇତାର୍ ସହେତେ ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ୍ ଜରିଏ ୫

କୋଟି ୬୦ ଲାଖ୍ ଗଛ୍ ଜଗାହେଇଛେ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ବିଧାନ୍ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ମୁଖ୍ୟମନ୍ତ୍ରୀଙ୍କର୍ ଭୁବ୍‌ନେଶ୍ୱର୍‌ର ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବା ୧୭ ତାରିଖ୍ ସୋମ୍‌ବାର୍ ଦିନ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଦୋଳପୁର୍ଣ୍ଣିମା ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ପବିତ୍ର ଫଗୁନ୍ ପୁନି । ଫଗୁନ୍ ପୁନିଥି ରାଏଜର୍ ଗାଁ ସହର୍ ସବୁଆଡ଼େ ମାହାପୁରୁମାନ୍‌କର୍ ମେଲଣ୍ କରାଯାଇଥିବାର୍ ବେଲେ ପଶ୍ଚିମ ଓଡ଼ିଶା ନ ଖାସ୍ ତିହାର୍ ଗୁଁଡ଼ିଖିଆ ମନାଯାଏସି । ଗୁଁଡ଼ିଖିଆଥି ଋତୁର୍ ନୂଆଁ ଫଲ୍‌ଫୁଲ୍- ଆମ୍, ପଲ୍‌ସାଫୁଲ୍, ସର୍ଗିଫୁଲ୍, ମହୁଲ୍, ଚାର୍, ଚନା ଆର୍ ସାକର୍‌ପଟି ମାହାପୁରୁଙ୍କୁ ଭୋଗ୍ ଲଗେଇକରି ଗୁଁଡ଼ି ଖିଆ

ଯାଏସି । ଇ ଉଲ୍‌ଗୁନେ ଠାନ୍ ଠାନ୍  ନାମଯଜ୍ଞ ହେଉଛେ । ଆଏଜ୍ ଗାଁ ଗାଁ ନ ଦୋଲ ବେଦୀ ମାନ୍‌କେ ମାହାପୁରୁଙ୍କର୍ ସାମ୍ନା ନ ପାଞ୍ଜି ପଢ଼ାଯିବାର୍ ପରମ୍ପରା ରହିଛେ ।

ପୁରୀ ଶ୍ରୀମନ୍ଦିର୍ ନ ଫଗୁନ୍ ପୁନି ଅବ୍‌ସରେ ଆଏଜ୍ ସଖାଲର୍ ୮ ନୁ ସାଢ଼େ ୯ ବଜା ଭିତ୍‌ରେ ମାହାପୁରୁମାନ୍‌କୁ ସୁନାବେଶଥି ସଜେଇ ହେବେ । ଇତାର୍‌ସହେତେ ମାହାପୁରୁମାନ୍‌କୁ ଅବିର ଆର୍ ଝିମିରି ଫଗୁ ଲାଗି ହେବା । ଇତାର୍‌ସଙ୍ଗେ ମାହାପୁରୁଙ୍କର୍ ଚଳନ୍ତି ବିଗ୍ରହ ଶ୍ରୀଦୋଲଗୋବିନ୍ଦ, ଭୂଦେବୀ ଆର୍ ଶ୍ରୀଦେବୀଙ୍କୁ ବିମାନ୍‌ଥି ଦୋଳମଣ୍ଡପ୍ ନ ବିଜେ କରାଯିବା । ସେନ ମାହାପୁରୁମାନେ ଭକ୍ତମାନ୍‌କର୍ ସଙ୍ଗେ ହୋଲି ଖେଲ୍‌ବେ । ଆଏଜ୍ ରାତି ୧୦ ବାଜିକରି ୩୫ ମିନିଟ୍‌ତକ୍ ଭକ୍ତମାନେ ମାହାପୁରୁଙ୍କର୍ ଦର୍ଶନ୍ କରିପାର୍‌ବେ ।

ହୋଲି ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

କନ୍‌ଷ୍ଟେବଲ୍ ପଦ୍‌ବୀ ନିଯୁକ୍ତି ପ୍ରକ୍ରିୟା        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସିପାହୀ ଆଉ କନ୍‌ଷ୍ଟେବଲ୍ ପଦ୍‌ବୀର୍ ଲାଗି ଚାଲିଥିବା ନିଯୁକ୍ତି ପ୍ରକ୍ରିୟା ଉପ୍‌ରେ ଉଚ୍ଚ ନ୍ୟାୟାଲୟ ରହିତାଦେଶ୍ ଜାରି କରିଛନ୍ । ଆଏବା ୨୦ ତାରିଖ୍‌ତକ୍ ଇ ନିଯୁକ୍ତି ବାବ୍‌ଦେ ରାଜ୍ୟ ସର୍‌କାର୍ କେନ୍‌ସି ପଦକ୍ଷେପ୍ ନେଇ ନାଇଁପାରନ୍ ବଲି ଉଚ୍ଚନ୍ୟାୟାଲୟ କହିଛନ୍ । ମାମ୍‌ଲାର୍ ଶୁଣାଣି ଆଏବା ୨୦ ତାରିଖତକ୍ କର୍‌ବାର୍ ଲାଗି ଅଦାଲତ୍ ଧାରିଜ୍ କରିଛନ୍ ।

ଘରୋଇ ସ୍କୁଲ- ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିକ୍ଷା ଅଧିକାର୍ ଆଇନ୍ ବଲେ ଘରୋଇ ସ୍କୁଲ୍‌ମାନ୍‌କୁ ହେବାର୍‌କେ ଥିବାର୍ ନାଁଲେଖା ପ୍ରକ୍ରିୟାଥି ସର୍‌କାର୍ ପରିବର୍ତନ୍ ଆନିଛନ୍ । ନାଁଲେଖା ଲାଗି ମାର୍ଚ୍ଚ ୧୮ତାରିଖ୍‌ନୁ ପଞ୍ଜିକରଣ୍ ମୁଲ୍ ହେବା ବଲି ସର୍‌କାର୍ ଘୋଷ୍‌ନା କରିଛନ୍ । ଆଘୋନୁ ଏପ୍ରିଲ୍ ୩ ତାରିଖ୍ ପଞ୍ଜିକରଣ୍ ମୁଲ୍ ହେବାର୍‌କେ ଧାରିଜ୍ କରାଯାଇଥିଲା । ପଞ୍ଜିକରଣ୍ ଏପ୍ରିଲ୍ ୨୦ ତାରିଖ୍‌ତକ୍ ଚାଲ୍‌ବା । ଯାଂଚ୍ ପ୍ରକ୍ରିୟା ସର୍‌ଲା ଉତ୍‌ରୁ ଏପ୍ରିଲ୍ ୨୭ ତାରିଖ୍‌ନୁ ନାଁଲେଖା ମୁଲ୍ ହେବା । ଇଥିର୍‌ଲାଗି www.rteparadarshi.odisha.gov.in ପୋର୍ଟାଲ୍‌ଥି ଆବେଦନ୍ କରାଯାଇପାର୍‌ବା । ହେଲ୍ପ ଲାଇନ୍

ନମ୍ବର୍ ୧୮୦୦-୩୪୫-୬୭୨୨ ଭିଲ୍ ଶିକ୍ଷା ବିଭାଗ୍ ତର୍ଫୁ ଜାରି କରାଯାଇଛେ ।

ସିବିଏସ୍ଇ- ହିନ୍ଦୀ ପରୀକ୍ଷା ଆର୍ଏନ୍ୟୁ/ ସମ୍ବଲପୁର

ଦେଶର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ହୋଲି ପାଲନ୍ କରାଯାଉଥିବାର୍ନୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼- ସିବିଏସ୍ଇ ତର୍ଫୁ ଚାଲିଥିବା ୧୨ ଶ୍ରେଣୀ ବୋର୍ଡ଼ ପରୀକ୍ଷାର୍ ହିନ୍ଦୀ କୋର୍ ଆର୍ ହିନ୍ଦୀ ଇଲେକ୍ଟିଭ୍ ପରୀକ୍ଷା ଆଏବା କାଏଲ୍ କର୍ବାର୍କେ ଧାରିଜ୍ କରାଯାଇଛେ । ଆଏବାକାଏଲ୍ ଭିଲ୍ ଯେନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନାଇଁପାର୍ବେ ସେମାନ୍କର୍ ଲାଗି ଆଉ ଦିନେ ପରୀକ୍ଷା ଦେବାର୍ ବ୍ୟବସ୍ଥା କରାଯିବା ବଲି ବୋର୍ଡ଼ ତର୍ଫୁ ସୂଚ୍ନା ଦିଆଯାଇଛେ । ଇ ବାବ୍ଦେ ଅଏତ୍କା ସୂଚ୍ନା ସିବିଏସ୍ଇ ୱେବ୍ସାଇଟ୍ଥି ମିଲିପାର୍ବା ବଲି ବୋର୍ଡ଼ ତର୍ଫୁ କୁହାଯାଇଛେ ।

ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଭିନ୍ ଭିନ୍ ଥାନା ତରଫ୍ରୁ ୩ ଶହ ୫୪ ନମ୍ବର୍ ଜାତୀୟ ରାଜପଥ ଠାନେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଖଡ଼ିଆଲ୍, ଖରିଆର୍ ରୋଡ଼୍, କୋମ୍ନା ଥାନା ଇଲାକା ନ ପୁଲିସ୍ ଅଧିକାରୀମାନେ ହେଲ୍ମେଟ୍ ପିନ୍ଧିଥିବା ବାଇକ୍ ଆରୋହୀମାନ୍କୁ ଗୁଲାପ୍ ଫୁଲ୍ ଦେଇକରି ସ୍ୱାଗତ୍ କରିଛନ୍ । ସଚେତନ୍ ହେଲେ ଦୁର୍ଘଟଣା ରୋକାଯାଇପାର୍ବା ବଲି ଅଧିକାରୀମାନେ ସତର୍କ କରିଥିଲେ ।

ଖଡ଼ିଆଲ୍ ମହିଳା କଲେଜ୍-ଆଲୋଚନାଚକ୍ର/ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ଡିଗ୍ରୀ ମହିଳା କଲେଜ୍ ଇତିହାସ୍ ବିଭାଗ୍ ତର୍ଫୁ ଲୋକକଲା, ଲୋକ ସଂସ୍କୃତି, ନୂଆପଡ଼ା ଜିଲ୍ଲାର୍ ଇତିହାସ୍ ବିଷେକେ ନେଇକରି ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ନେସ୍ନାଲ୍ କଲେଜ୍ ପ୍ରାକ୍ତନ ଅଧ୍ୟକ୍ଷ ମେଜର ରାମଚନ୍ଦ୍ର ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ୍ ଦେଇଥିଲେ । ଛାତ୍ରୀମାନେ ବିଷୟବସ୍ତୁ ଉପ୍ରେ ନିଜର୍ ନିଜର୍ ଅଧ୍ୟୟନ୍ ଉପସ୍ଥାପନ୍ କରିଥିଲେ ।

ସର୍ବଭାରତୀୟ ହକି ଚାମ୍ପିଅନ୍‌ସିପ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ପୁଲିସ୍ ତରଫୁ ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ଏପ୍ରିଲ୍ ୭ ନୁ ୧୫ ତାରିଖ୍‌ତକ୍ ୭୩ ନମ୍ବର୍ ସର୍ବଭାରତୀୟ ହକି ଚାମ୍ପିଅନ୍‌ସିପ୍ ଆୟୋଜନ୍ କରାଯିବା । ଇଥି ଦେଶର୍ ଭିନ୍ ଭିନ୍ ରାଜ୍ୟର୍ ୨୭ ଟା ପୁରୁଷ ଆର୍ ୧୦ ଟା ମହିଳା ପୁଲିସ୍ ଟିମ୍ ଭାଗ୍ ନେବେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ଗ୍ରୀଷ୍ମପ୍ରବାହ ଜାରି ରହେବା ଆର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହେବା । ଇ ସମିଆଥି ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବୌଦ୍ଧ, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କେନ୍ଦୁଝର୍ ଆର୍ ମୟୁର୍‌ଭଞ୍ଜ୍ ଜିଲ୍ଲା କେ ଗ୍ରୀଷ୍ମପ୍ରବାହ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।